**ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ଼**

**ବନାମ**

**ମନଜିତ୍ କୌର ଏବଂ ଅନ୍ୟମାନେ**

*ଜାନୁଆରୀ 5, 2004*

[ ମୁଖ୍ୟ ନ୍ୟାୟାଧୀଶ ଭି. ଏନ୍. ଖାରେ ଏବଂ ନ୍ୟାୟମୂର୍ତ୍ତି ଏସ୍. ବି. ସିହ୍ନା]

*ମୋଟର ଯାନ ଅଧିନିୟମ, 1988 - ମୋଟର ଦୁର୍ଘଟଣା - ଯାନ ଚାଳକ ଅନୁମତି ପତ୍ର ରଖିନଥିଲେ -କ୍ଷତିପୂରଣ - ନ୍ୟାୟାଧିକରଣଙ୍କ ଦ୍ୱାରା ଅଧିନିର୍ଣ୍ଣୟ କରାଗଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱୀକୃତି ଦିଆଗଲା ଯେ ବୀମା କମ୍ପାନୀଙ୍କୁ ଯାନ ଚାଳକଙ୍କ ଠାରୁ କ୍ଷତି ପୂରଣ ରାଶି ଆଦାୟ କରିବେ - ଆବେଦନରେ ନିର୍ଣ୍ଣୟ ନିଆଗଲା : ମାମଲାର ତଥ୍ୟକୁ ଦୃଷ୍ଟିରେ ରଖି ନିମ୍ନ ଅଦାଲତଗୁଡିକର ଆଦେଶ ନ୍ୟାୟସଙ୍ଗତ ଏବଂ ବିସେଥିରେ ହସ୍ତକ୍ଷେପ ପାଇଁ - ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 136 ବଳରେ ବିବେକାଧିକାର କ୍ଷମତା ପ୍ରୟୋଗ ଆବଶ୍ୟକ କରେ ନାହିଁ ।*

*ଜାତୀୟ ବୀମା କମ୍ପାନୀ ଲିମିଟେଡ଼ ବନାମ ସ୍ୱରନ୍ ସିଂହ ଏବଂ ଅନ୍ୟମାନେ [2004] 3 SCC 297 ମାମଲା ଉପରେ ନିର୍ଭର କରାଗଲା ।*

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 176/2004 ।

ଏଫ୍. ଏ. ଓ. ସଂଖ୍ୟା 5766/2002ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 12.12.2002 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଡକ୍ଟର କୈଳାସ ଚାନ୍ଦ (ଏନ୍. ପି.) ।

ମୁଖ୍ୟ ନ୍ୟାୟାଧୀଶ ଭି. ଏନ୍. ଖାଡ଼େଙ୍କ ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ଏହି ସ୍ୱତନ୍ତ୍ର ଅନୁମତି , ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତାରିଖ 12/12/2002 ରେ ପାରିତ ଏକ ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯାହା ଦ୍ୱାରା ଏବଂ ଯାହା ଅଧୀନରେ ଏହା, ମାମଲା ସଂଖ୍ୟା 119/8.12.2000 ରେ ରୋପାର

ଠାରେ ସ୍ଥିତ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶକୁ ସ୍ୱୀକୃତି ଦିଆଗଲା । ସ୍ୱତନ୍ତ୍ର ଅନୁମତି ଆବେଦନରେ ଉଠାଯାଇଥିବା ପ୍ରଶ୍ନ ହେଉଛି ଯେ ମାରୁତି କାରର ଚାଳକଙ୍କ ପାଖରେ ଯାନ ଚାଳନା ନିମିତ୍ତ ଅନୁମତି ପତ୍ର ନଥିଲା ଏବଂ ବିଶେଷ କରି ଯେତେବେଳେ ସେ ଯାନର ମାଲିକ ଥିଲେ ସେତେବେଳେ ତାଙ୍କ ପାଖରେ ଯାନ ଚାଳନା ନିମିତ୍ତ ଅନୁମତି ପତ୍ର ନଥିଲା ବୋଲି ବିଜ୍ଞ ନ୍ୟାୟାଧିକରଣଙ୍କ ଏପରି ମତକୁ ଦୃଷ୍ଟିରେ ରଖି , ସେହି ସମାନ ବିଜ୍ଞ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ ଏପରି ଆକ୍ଷେପିତ ଆଦେଶ ପାରିତ କରିବାରେ ଭୁଲ କଲେ କି ?

ଏହି ସତ୍ୟକୁ ଧ୍ୟାନରେ ରଖି ଯେ ଉଭୟ ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ ଏହା ନଥି ଭୁକ୍ତ କଲେ ଯେ ଆବେଦନକାରୀ, ଉଲ୍ଲଂଘନକାରୀ ଯାନର ଚାଳକଙ୍କଠାରୁ ଆକଳନ କରାଯାଇଥିବା କ୍ଷତିପୂରଣ ରାଶି ଆଦାୟ କରିବାକୁ ହକଦାର ହେବେ, ଏବଂ ସ୍ୱତନ୍ତ୍ର ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 9027/2003, ଜାତୀୟ ବୀମା କମ୍ପାନୀ ବନାମ ସ୍ୱରନ୍ ସିଂହ ଏବଂ ଅନ୍ୟମାନେ ମାମଲାରେ ଦିଆଯାଇଥିବା ଆମର ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଆମେ ଏଠାରେ ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଆମର ବିବେକାଧିକାର କ୍ଷେତ୍ରାଧିକାର ପ୍ରୟୋଗ କରିବାକୁ ଚାହୁଁ ନାହୁଁ ।

ଆବେଦନକୁ ଖାରଜ କରିଦିଆଗଲା ।

କେ . କେ . ଟି                                                  ଆବେଦନଟି ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।